# Akashvani, Sambalpur

## SAMBALPURI NEWS BULLETIN

### 25 January 2026 – 6.47- 6.52 am.

************************************************

ରାଷ୍ଟ୍ରପତିଙ୍କର ଉଦ୍‌ବୋଧନ          ଆର୍‌ଏନ୍‌ୟୁ/ ସମ୍ବଲପୁର୍

୭୭ ନମ୍ବର ସାଧାରଣତନ୍ତ୍ର ଦିବସ୍ ଆଗ୍‌ରୁ ଆଏଜ୍ ସଂଜ୍‌ବେଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦେଶବାସୀଙ୍କୁ ସମ୍ବୋଧନ କର୍‌ବେ । ଆକାଶବାଣୀ ଆଉ ଦୂରଦର୍ଶନର ସବୁ ଚେନାଲ୍ ତରଫୁ ସଂଜବେଲର ୭ ବଜେ ରାଷ୍ଟ୍ରପତିଙ୍କର ସମ୍ବୋଧନର ସିଧା ପ୍ରସାରଣ କରାଯିବା । ରାଷ୍ଟ୍ରପତିଙ୍କର୍ ଇ ଅଭିଭାଷଣ୍ ହିନ୍ଦୀ ଆଉ ତାର୍ ଉତ୍‌ରୁ ଇଂରାଜୀ ଭାଷାଥି ପ୍ରସାରିତ୍ ହେବା । ଆକାଶ୍‌ବାଣୀଥି ରାତିର ସାଢ଼େ ୯ ବଜେ ରାଷ୍ଟ୍ରପତିଙ୍କର ସମ୍ବୋଧନ୍‌ର ଓଡ଼ିଆ ଭାଷାନ୍ତର ପ୍ରସାରଣ ହେବା ।

ମନ୍ କି ବାତ୍          ଆର୍‌ଏନ୍‌ୟୁ/ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏଜ୍ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ

ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୩୦ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା ।

ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଆକାଶ୍‌ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍‌ଓ ଅଫିସ୍, ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଇତାର୍ ସିଧା ପ୍ରସାରଣ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଳିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା ।

ଜାତୀୟ ଭୋଟର ଦିବସ ଆର୍‌ଏନ୍‌ୟୁ/ ସମ୍ବଲପୁର୍

ଭାରତୀୟ ନିର୍ବାଚନ କମିଶନ ର ପ୍ରତିଷ୍ଠା ଦିବସକେ ମନାବାର୍ ଲାଗି ଫି' ବଛର୍ ସାଧାରଣତନ୍ତ୍ର ଦିବସ୍‌ର ଆଘର୍ ଦିନ୍‌କେ ଜାତୀୟ ଭୋଟର ଦିବସ ଭାବେ ପାଲ୍‌ନ୍ କରାଯାଉଛେ । ଇଥର ଇ ଦିବସର ବିଷେ ହେଉଛେ - "ମୋ ଭାରତ୍ ମୋ ଭୋଟ୍ - ଭାରତୀୟ ଗଣତନ୍ତ୍ରର୍ ହୃଦୟଥି ନାଗରିକ୍" ।

ଇ ଅବ୍‌ସରେ ଭାରତର ନିର୍ବାଚନ୍ ଆୟୋଗଙ୍କର୍ ତର୍‌ଫୁ ଆଏଜ୍ ନୂଆଦିଲ୍ଲୀ ନ ଗୁଟେ ଖାସ୍ କାର୍ଯ୍ୟକ୍ରମ୍‌ଥି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ

ମୁଖ୍ୟଅତିଥି ଭାବେ ଯୋଗ୍ ଦେବେ। ସମାରୋହରେ ନୂଆଁକରି ଜୁଡ଼ାହେଇଥିବା ଯୁବ ଭୋଟର୍ ମାନ୍‌କୁ ମତଦାତା ଫଟୋ ପରିଚୟ ପତ୍ର ବଁଟାଯିବା। ଯୁବ ବ୍ୟାପାର୍ ମନ୍ତ୍ରଣାଲୟ ତର୍‌ଫୁ ଗୁଟେ ପଦଯାତ୍ରାର୍ ଭିଲ୍ ଆୟୋଜନ୍ କରାଯାଇଛେ।
ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ କନ୍‌ଭେନ୍‌ସନ୍ ସେଂଟର୍ ଠାନେ ସଖାଲ୍‌ବେଲା ରାଜ୍ୟସ୍ତରୀୟ ସମାରୋହରେ ରାଜ୍ୟ ନିର୍ବାଚନ୍ କମିଶନର୍ ମଧୁସୂଦନ୍ ପାଢ଼ୀ ମୁଖ୍ୟଅତିଥି ଭାବେ ଯୋଗ୍ ଦେବେ।

ରାଜ୍ୟପାଲ୍ ଆଇ.ଆଣ୍ଡ୍.ପି.ଆର୍

ଯୁଆନ୍ ପିଢ଼ି ଓଡ଼ିଶା ନ କୃଷି ଉଦ୍ୟୋଗ୍ ଆନ୍ଦୋଳନ୍‌ର ନେତୃତ୍ୱ ନେବାର୍‌କେ ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି ଆହ୍ୱାନ୍ ଦେଇଛନ୍। ଭୁବ୍‌ନେଶ୍ୱର୍ ବର୍‌ମୁଣ୍ଡା ନ ଥିବା ବିଜୁ ପଟ୍ଟନାୟକ୍ ଖେଲ୍‌ପଡ଼ିଆ ନ ଚାଲିଥିବା କୃଷି ଓଡ଼ିଶା -୨୦୨୬ ର ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ରାଜ୍ୟପାଲ୍ କହିଛନ୍, ଆଧୁନିକ୍ କୃଷି ପାରମ୍ପାରିକ୍ ଚାଷ୍ ଠାନୁ ବହୁତ୍ ଆଗ୍‌ଆଡ଼୍‌କେ ଯାଇଛେ। ପ୍ରଯୁକ୍ତି ବିଦ୍ୟା, ପ୍ରକ୍ରିୟାକରଣ୍, ପେକେଜିଂ, ମାର୍କେଟିଂ ଆଉ ରପ୍ତାନୀ କ୍ଷେତ୍ରରେ ବହୁତ୍‌ଟେ ସହଯୋଗ୍ ଦେଉଛେ ବଲି ରାଜ୍ୟପାଲ୍ କହିଛନ୍। କାର୍ଯ୍ୟକ୍ରମ୍‌ର ସଫଲ୍ ପରିଚାଲନା ସହେତେ ଆଲୋଚନା,

ନୂଆଁ ସୃଜନ୍ ଆଉ ସହଯୋଗ୍ ଲାଗି ଗୁଟେ ମଚାନ୍ ତିଆର୍ କରିଥିବାର୍‌ନୁ କୃଷି ଆଉ କୃଷକ୍ ସଶକ୍ତିକରଣ୍ ବିଭାଗ୍‌କେ ରାଜ୍ୟପାଲ୍ ପ୍ରଶଂସା କରିଛନ୍ ।

ରାଷ୍ଟ୍ରମନ୍ତ୍ରୀଙ୍କର୍ ଓଡ଼ିଶା ଆର୍‌ଏନ୍‌ୟୁ/ କଟକ୍

କେନ୍ଦ୍ର ସୂଚନା ଆଉ ପସାରଣ ରାଷ୍ଟ୍ରମନ୍ତ୍ରୀ ଡକ୍ଟର୍ ଏଲ୍. ମୁରୁଗନ୍ ଆଏଜ୍ ଓଡ଼ିଶା ଗସ୍ତଥି ଆସୁଛନ୍ । ଗସ୍ତ ଅବ୍‌ସରେ ଶ୍ରୀ ମୁରୁଗନ୍ ଭୁବ୍‌ନେଶ୍ୱର୍ ନ ଆୟୋଜିତ୍ ଗୁଟେ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେବେ ।

ପୁସ୍ତକ ମେଳା ସମ୍ବଲପୁର୍ ସମ୍ବାଦଦାତା

ସମ୍ବଲପୁର୍ ପିଏଚ୍‌ଡି ପଡ଼ିଆ ଠାନେ ଗଲାକାଏଲ୍ ପୁସ୍ତକ ମେଳା ମୁଲ୍ ହେଇଛେ । ଜାତୀୟସ୍ତର୍‌ର ଏନ୍‌ବିଟି ଆଉ ସମ୍ବଲ୍‌ପୁର୍‌ର ସେତୁ ଅନୁଷ୍ଠାନ୍‌ର ମିଳିତ୍ ସହଯୋଗ୍‌ଥି ହେଇଥିବା ଇ ପୁସ୍ତକ୍ ମେଳା ୯ ଦିନ୍‌ତକ୍ ଚାଲ୍‌ବା । କାର୍ଯ୍ୟକ୍ରମ୍‌କେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଆଉ ସମ୍ବଲ୍‌ପୁର୍ ସାଂସଦ୍ ଧର୍ମେନ୍ଦ୍ର ପ୍ରଧାନ୍ ଉଦ୍‌ଘାଟନ୍ କରିକରି ପୁସ୍ତକ ମେଳା ଖାଲି ଗୁଟେ ଆୟୋଜନ୍ ନୁହେଁ ଇଟା ଗୁଟେ ନୂଆଁ ବିଚାର୍ ଆଏ ବଲି କହିଛନ୍ ।

ମୋବାଇଲ୍ ଖାଲି ସୂଚ୍ନା ଦେଇପାର୍ସି, ହେଲେ ଜ୍ଞାନ୍ ନାଇଁ ଦେଇପାରେ ବଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ୍ ଇ ଅବ୍ସରେ କହିଛନ୍ ।

(ଭଏସ୍ ଓଭର୍- ଧର୍ମେନ୍ଦ୍ର ପ୍ରଧାନ୍)

କାର୍ଯ୍ୟକ୍ରମ୍ଥି ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ପଂଚାୟତିରାଜ୍ ମନ୍ତ୍ରୀ ରବିନାରାୟଣ୍ ନାୟକ୍, ବିଧାୟକ୍ ଜୟନାରାୟଣ୍ ମିଶ୍ର, ଏନ୍ବିଟିର ନିର୍ଦ୍ଦେଶକ୍ ଯୁବରାଜ୍ ମଲ୍ଲିକ୍ ପ୍ରମୁଖ ଉପସ୍ଥିତ୍ ଥିଲେ ।

ନୀତି ଆୟୋଗ୍ ବୈଠକ୍ ଆଇ.ଆଣ୍ଡ୍.ପି.ଆର୍

ନୀତି ଆୟୋଗ୍ର ଉପାଧ୍ୟକ୍ଷ ସୁମନ୍ କୁମାର୍ ବେରି ଗଲାକାଏଲ୍ ଲୋକ୍ସେବା ଭବନ୍ ନ ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗ, ଉନ୍ନୟନ୍ କମିଶନର୍ ଆଉ ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ ଦେଓରଞ୍ଜନ୍ କୁମାର୍ ସିଂ ଆଉ ରାଜ୍ୟ ସର୍କାର୍ଙ୍କର୍ ଭିନ୍ ଭିନ୍ ବିଭାଗ୍ର ସଚିବ ମାନ୍କର୍ ସାଙ୍ଗେ ଗୁଟେ ବୈଠକ୍ଥି ଯୋଗ୍ ଦେଇକରି ବହୁତ୍ଟେ ପ୍ରସଙ୍ଗଥି ଆଲୋଚନା କରିଛନ୍ । ବୈଠକ୍ଥି ରାଜ୍ୟର୍ ଆର୍ଥିକ୍ ଆଉ ସାମଗ୍ରିକ୍ ବିକାଶ୍, ଶିଳ୍ପ ଆଉ ନିବେଶ୍ ପ୍ରୋତ୍ସାହନ୍, ଇଜ୍ ଅଫ୍ ଡୁଇଙ୍ଗ୍ ବିଜ୍ନେସ୍, ସହରାଂଚଲ୍ ବିକାଶ୍, ଜନଜାତି କଲ୍ୟାଣ୍, ଶିକ୍ଷା ବାଗିର୍ ଭିନ୍ ଭିନ୍ ବିଷେଥି ଆଲୋଚନା ହେଇଥିଲା ।

ସଡ଼କ୍ ସୁରକ୍ଷା - ନୂଆପଡ଼ା          ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆର୍ ରୋଡ୍ ନ ସଡ଼କ୍ ସୁରକ୍ଷା ଲାଗି ଲୁକ୍‌କୁ ସଚେତନ୍ କର୍‌ବାର୍‌କେ ଜୋଙ୍କ୍ ଥାନା ତର୍‌ଫୁ ଗୁଟେ ସଚେତନତା କାର୍ଯ୍ୟକ୍ରମ୍ ଆୟୋଜନ୍ କରାଯାଇଥିଲା । କାର୍ଯ୍ୟକ୍ରମ୍‌ଥି ନୂଆପଡ଼ା ଆରକ୍ଷୀ ଅଧିକ୍ଷକ୍ ଅମ୍ରିତ୍ ପାଲ୍ ସିଂ ନିଜେ ଉପସ୍ଥିତ୍ ରହିକରି ସାଧାରଣ୍ ଗାଡ଼ି ଚାଲକ୍ ଆଉ ଯାତ୍ରୀମାନ୍‌କର୍ ସାଙ୍ଗେ ସିଧା ସଲଖ୍ ଆଲୋଚନା କରିଥିଲେ ।

ଗୋପାଲ୍‌ଜୀ ମନ୍ଦିର୍ -ପ୍ରତିଷ୍ଠା ଉତ୍ସବ୍      ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲା ରାଜବାଟୀ ପରିସର୍ ନ ଶ୍ରୀ ଗୋପାଲ୍‌ଜୀ ମନ୍ଦିର୍ ନ ମାହାପୁରୁମାନ୍‌କର୍ ପୁନଃ ପ୍ରତିଷ୍ଠା ଉତ୍ସବ୍ ପାଲନ୍ କରାଯାଉଛେ । ଇ ଉତ୍ସବ୍ ଲାଗି ଦେବୋତର୍ ବିଭାଗ୍, ଜିଲ୍ଲା ପ୍ରଶାସନ୍ ଆଉ ମନ୍ଦିର୍ ପରିଚାଳନା କମିଟି ତର୍‌ଫୁ ସବୁ ପ୍ରକାର୍ ପ୍ରସ୍ତୁତି ଶେଷ୍ ହେଇଛେ । ଆଏଜ୍‌ଠାନୁ ୮ ଦିନ୍‌ତକ୍ ମାହାପୁରୁମାନ୍‌କର୍ ବିଗ୍ରହ ପ୍ରତିଷଠା ମହୋତ୍ସବ୍ ଚାଲ୍‌ବା । ଇ ଅବ୍‌ସରେ ଆଏଜ୍ ସଖାଲ୍ ବେଲା ଜିଲ୍ଲା କୋଷାଗାର୍‌ନୁ ଗୁଟେ ଶୋଭଯାତ୍ରାଥି ମାହାପୁରୁମାନ୍‌କୁ ମନ୍ଦିର୍‌କେ ଅନାଯିବା ।

ପାଣିପାଗ      ଆର୍‌ଏନ୍‌ୟୁ/ ସମ୍ବଲପୁର

ପଶ୍ଚିମାଝଡ଼ ପ୍ରଭାବ୍‌ଥି ରାଜ୍ୟର୍ ବଡ଼ଭାଗୀ ଜାଗା ନ ଶୀତ୍‌ର ପ୍ରଭାବ୍ ସାମାଏନ୍ କମିଛେ । ଆଏବା ୩ ଦିନ୍‌ତକ୍ ପାଗ୍ ଏନ୍ତା ରହେବା । ତାର୍ ଉତ୍‌ରୁ ତାପମାତ୍ରା ୨ ରୁ ୩ ଡିଗ୍ରୀ ତକ୍ ବଢ଼୍‌ବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ । ଆଏବା ୨୪ ଘଂଟା ଭିତ୍‌ରେ ସୁନ୍ଦର୍‌ଗଡ଼୍, ଝାରସୁଗୁଡ଼ା, କଲାହାଣ୍ଡି ସହେତେ ରାଜ୍ୟର୍ ୧୨ ଟା ଜାଗା ନ ହାଲ୍‌କାନୁ ମଧମ୍ ଧରଣ୍‌ର କୁହୁଡ଼ି ହେବା ବଲି କେନ୍ଦ୍ର ତର୍‌ଫୁ କୁହାଯାଇଛେ ।